# ଆଦିବାସୀ ମେଳା

# ୨୦୨୧

## ଆଦିବାସୀ ମେଳା ଓ ରାଜ୍ୟ ଜନଜାତି ସଂଗ୍ରହାଳୟ




ମେଳା ହେଉଛି ମିଳନ ପୀଠ । ଅପରାପର ସଂସ୍କୃତି, ଭାଷା, ବିକାଶ, ବାର୍ତ୍ତା, ଯୋଗାଯୋଗ, ସଂପର୍କ, ଜୀବନ ଜୀବିକା, ଶିକ୍ଷା, ସଚେତନତା ପ୍ରତ୍ୟେକ କ୍ଷେତ୍ରକୁ ଯୋଡିବାର ଏକ ଅନନ୍ୟ ତଥା ପବିତ୍ର ପୀଠ । ଆଉ ଆଦିବାସୀ ମେଳା କହିଲେ ଭୁବନେଶ୍ୱର ତଥା ଦେଶ ବିଦେଶର ପରିଦର୍ଶକଙ୍କ ଏକ ସାଂସ୍କୃତିକ କ୍ଷେତ୍ର ଯେଉଁଠି ମୂଳ ଓ ଅକ୍ଷତ ସଂସ୍କୃତି ଆଉ ଏକ ପରିବର୍ତ୍ତିତ ସଂସ୍କୃତିର ସଂପର୍କ ଯୋଡି ହେବା ଖୁବ୍ ରୋମାଂଚିତ । ଯେଉଁ ସଂସ୍କୃତି ପ୍ରେମୀ ମେଳାକୁ ଆସନ୍ତି, ସେମାନେ ପୁଲକିତ ହୁଅନ୍ତି, ମେଳାରେ ଏକ ଜୀବନ୍ତ ସଂସ୍କୃତିକୁ ଦେଖି । ସେମାନଙ୍କ ସହ ମତ ବିନିମୟ କରନ୍ତି । ସେମାନଙ୍କ କଳା, ବସ୍ତୁକଳା, ଗୃହ ନିର୍ମାଣ, ବସତି, ବେଶ ପରିପାଟୀ, ଅଳଂକରଣ, ପ୍ରାକୃତିକ ବ୍ୟବହାରିକ ଉତ୍ପାଦର ଉତ୍ସ, ଜୀବନ ଶୈଳୀ, ରୋଗ ବଇରାଗରୁ ରକ୍ଷା ପାଇବାର ଉପାୟ, ସଂଗ୍ରହ ଓ ସଂରକ୍ଷଣ, ନୃତ୍ୟ, ସଂଗୀତ, ଉପଚାର, ରନ୍ଧନ କଳା, ପରିବର୍ତ୍ତିତ ପ୍ରେକ୍ଷାପଟରେ ସେମାନଙ୍କ ଅସ୍ମିତା, ପ୍ରାଚୀନ ବସ୍ତୁ ସଂସ୍କୃତି ସହ ସେମାନଙ୍କ ଆଜିର ବିଚାର ଇତ୍ୟାଦି ବିଷୟରେ ଉତ୍ସୁକତା, ୧୫ ଦିନର ସମ୍ପର୍କ କମ୍ ପଡ଼େ । ତଥାପି ସେମାନେ ପ୍ରତ୍ୟହ ଆସନ୍ତି । ତାଙ୍କ ସହ ମିଶି ଏକାକାର ହୁଅନ୍ତି । ବିସ୍ମୟଭରା ଜନଜାତିର ଦୁନିଆ ତଥାପି ସେମାନଙ୍କୁ ନୂଆ ଲାଗେ । ସେମାନେ ଏହାର ମୂଳ ଉତ୍ସକୁ ଖୋଜିବାରେ ଆଗ୍ରହ ନିଅନ୍ତି । ଏହି ଆଗ୍ରହକୁ ସାକାର କରେ ରାଜ୍ୟ ଜନଜାତି ସଂଗ୍ରହାଳୟ । ସଂଗ୍ରହାଳୟ କହିଲେ ଆମେ





ସାଧାରଣତଃ ବୁଝୁ କିଛି ପ୍ରାଚୀନ କଳାବସ୍ତୁ ଥିବା ଏକ ପ୍ରଶସ୍ତ ଗୃହ ଯେଉଁଠି ଏସବୁକୁ ଦର୍ଶକଙ୍କ ଦେଖିବା ନିମନ୍ତେ ସୁସଜ୍ଜିତ କରି ରଖା ହୋଇଥାଏ । ମାତ୍ର ସଂଗ୍ରହାଳୟର କର୍ତ୍ତବ୍ୟ ସେତିକିରେ ଶେଷ ନୁହେଁ । ପ୍ରାଚୀନ ସଂସ୍କୃତି ପରିବର୍ତ୍ତନ ଦେଇ କିପରି ଗତି କରୁଛି, ତା'ର ମୂଳ ଉତ୍ସ କିପରି, ମାନବ ସମାଜର ଜୀବନ ଶୈଳୀ, ପ୍ରକୃତି ସହ ମାନବ ସମାଜର କି ପ୍ରକାର ସମ୍ପର୍କ ଇତ୍ୟାଦି ଇତ୍ୟାଦି ଅନେକ ବିଷୟକୁ ପୁଂଖାନୁପୁଂଖ ବ୍ୟାଖ୍ୟାନ ସାଙ୍ଗକୁ ପ୍ରଦର୍ଶନ ଏହାର ଅନ୍ତର୍ଭୁକ୍ତ ହୋଇଥାଏ । ସଂଗ୍ରହାଳୟ ମାଧମରେ କୁତୂହଳୀ ମଣିଷ ସଭ୍ୟତା ଓ ସଂସ୍କୃତି ତଥା ଜୀବଜଗତର ଉଦ୍‌ବିକାଶ ସଂପର୍କରେ ସ୍ଥୁଳ ଧାରଣା ପାଇଥାଏ । ବିଜ୍ଞାନ ସିଦ୍ଧ ପ୍ରାମାଣିକତା ସହ ଏହି ସଂଗ୍ରହାଳୟ

ସଂଗୃହୀତ ବସ୍ତୁମାନଙ୍କ ବିଷୟରେ ବର୍ଣ୍ଣନା କରୁଥିବାରୁ ଏହାର ସଠିକତା ଜାଣି ହୁଏ । ସଂଗ୍ରହାଳୟ ବିଭିନ୍ନ ସମୟରେ ସଂପାନ, କର୍ମଶାଳା, ମହୋତ୍ସବ, ମେଳା, ଆୟୋଜନ କରି ସମାଜ, ସାହିତ୍ୟ, ସଂସ୍କୃତି, କଳା, ବସ୍ତୁକଳା, ସମରକଳା, ଜୀବନଶୈଳୀ, ଅର୍ଥନୀତି, ସମାଜ ଉପରେ ବିବିଧ ପ୍ରସଙ୍ଗ ଲୋକ ଲୋଚନକୁ ଆଣିଥାଏ ।



ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଗବେଷଣା ତଥା ତାଲିମ ପ୍ରତିଷ୍ଠାନ ଦ୍ୱାରା ପ୍ରତିଷ୍ଠିତ ରାଜ୍ୟ ଜନଜାତି ସଂଗ୍ରହାଳୟ ସେହିପରି ଏକ ଅଗ୍ରଣୀ ସଂଗ୍ରହାଳୟ ଯେଉଁଠି ସାରା ଓଡ଼ିଶାର ଜନଜାତିଙ୍କ ସାମାଜିକ- ସାଂସ୍କୃତିକ- ଅର୍ଥନୈତିକ ବ୍ୟବସ୍ଥା ଆଧାରିତ ଜୀବନ ଶୈଳୀ ଉପରେ ବିଜ୍ଞାନ ସମ୍ମତ ସୂଚନା ପ୍ରଦାନ ସହ ଭବ୍ୟ ପ୍ରଦର୍ଶନ ମଧ କରାଇ ଆସୁଛି । ରାଜ୍ୟ ଜନଜାତି ସଂଗ୍ରହାଳୟ ଆଦିବାସୀ ମେଳାରେ ଏକ ସୁଦୃଶ୍ୟ ପ୍ରଜ୍ଞାପନ ମଣ୍ଡପ ସ୍ଥାପନ କରିଛି । ଉଭୟ ଐତିହ୍ୟ ଏବଂ ପ୍ରଦର୍ଶନ ଉପରେ ଏହି ସଂଗ୍ରହାଳୟ ଗୁରୁତ୍ୱ ପ୍ରଦାନ କରିଛି, ଯାହା ଆଦିବାସୀ ମେଳାକୁ ଆସୁଥିବା ଦର୍ଶକଙ୍କ ଜିଜ୍ଞାସା ପରିପୂରଣ କରାଇବାରେ ସହାୟକ ହେଉଛି । ଭିନ୍ନ ଭିନ୍ନ ଜନଜାତି ଗୋଷ୍ଠୀଙ୍କ ବ୍ୟାବହାରିକ ଓ ସାଂସ୍କୃତିକ ସାମଗ୍ରୀର ପ୍ରଦର୍ଶନ ସାଂଗକୁ କଳା ଓ କଳାବସ୍ତୁ ପ୍ରସ୍ତୁତି ଉପରେ ଜନଜାତି କାରିଗରଙ୍କ ପ୍ରଦର୍ଶନ, ଏଠାକୁ ଆସୁଥିବା ପରିଦର୍ଶକ ମାନଙ୍କୁ ଅଭିଭୂତ କରୁଛି । ଏପରି ଏକ ମଣ୍ଡପ ଆଦିବାସୀ ମେଳାରେ ସ୍ଥାପିତ ହୋଇଥିବାରୁ ସେମାନେ ଜନଜାତିଙ୍କ ଲୁପ୍ତପ୍ରାୟ ଐତିହ୍ୟକୁ ଜାଣିବାର ସୁଯୋଗ ଲାଭ କରୁଛନ୍ତି ।

***